# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 September– 2026**

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୩୮ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମୁଖ୍ୟମନ୍ତ୍ରୀ-ବନ୍ୟା ସ୍ଥିତି ଅନୁଧ୍ୟାନ

ରାଜ୍ୟର ବନ୍ୟା ପ୍ରଭାବିତ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ସ୍ଥିତି ନେଇ ଆଜି ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ । ପରେ କୋରାପୁଟର କୋଟପାଡ ଅଞ୍ଚଳ ଗସ୍ତରେ ଯାଇ ବନ୍ୟା ପ୍ରଭାବିତ ସ୍ଥିତି ଅନୁଧ୍ୟାନ କରିବାର କାର୍ଯ୍ୟସୂଚୀ ରହିଛି ।

ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ଏହି ଗସ୍ତରେ ଯିବେ ।

## ପାଣିପାଗ

ଉତ୍ତରପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ଛତିଶଗଡ ଉପରେ ଅବପାତ ସକ୍ରିୟ ରହିଛି । ଆଜି ସୁଦ୍ଧା ଏହା ଦୁର୍ବଳ ହୋଇ ଏକ ସ୍ୱଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ସାଳନ୍ଦୀ, ବୁଢ଼ାବଳଙ୍ଗ, ଜଳକା ସମେତ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ବିଶେଷକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ କେନ୍ଦୁଝର ଜିଲ୍ଲା ପ୍ରଭାବିତ ହୋଇଛି । ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି...

**V/O**

ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ସକାଳ ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮ ଦଶମିକ ୧/୯ ଫୁଟ ରହିଛି ।

## ବ୍ୟାଙ୍କ ଖୋଲା

ଉପଭୋକ୍ତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆଜି ସମସ୍ତ ସରକାରୀ ତଥା ଗ୍ରାମ୍ୟବ୍ୟାଙ୍କ ଖୋଲା ରହିବ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶାନାମା ଜାରି କରାଯାଇଛି । ଆସନ୍ତାକାଲିଠାରୁ ବୁଧବାର ପର୍ଯ୍ୟନ୍ତ ବ୍ୟାଙ୍କ ସଂଘ ମିଳିତ ମଞ୍ଚ ପକ୍ଷରୁ ତିନିଦିନିଆ ବନ୍ଦ ଡାକରା ଦିଆଯାଇଛି ।

## ବିଜେପି ସଭାପତି-କଳାହାଣ୍ଡି ଗସ୍ତ

ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ ଗତକାଲିଠାରୁ ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଯାଇଛନ୍ତି । ଭବାନୀପାଟଣା ନିକଟସ୍ଥ ରିଷିଗାଁ ଏସ୍.ଏନ୍. କଲ୍ୟାଣମଣ୍ଡପ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦଳୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ । ଆଗାମୀ ପଞ୍ଚାୟତ ତଥା ପୌର ନିର୍ବାଚନ ପ୍ରସ୍ତୁତି ନେଇ ଦଳୀୟ କର୍ମକର୍ତ୍ତାଙ୍କ ସହ ମତବିନିମୟ କରିଛନ୍ତି ।

# ପିତୃପକ୍ଷ ପାଳନ

ଆଶ୍ୱିନ କୃଷ୍ଣ ପ୍ରତିପଦା ଅବସରରେ ଆଜିଠାରୁ ଆସନ୍ତା ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ବା ଅପରପକ୍ଷ ଭାବେ ପାଳନ କରାଯାଉଛି । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଏହି ୧୫ ଦିନ ପର୍ଯ୍ୟନ୍ତ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଇଥାଏ । ଶ୍ରୀକ୍ଷେତ୍ର ପୁରୀର ତୀର୍ଥ ପୁଷ୍କରିଣୀରେ ପିତୃପକ୍ଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧତର୍ପଣ ଓ ପିଣ୍ଡଦାନ ଲାଗି ଭିଡ଼ ପରିଲକ୍ଷିତ ହୋଇଥାଏ ।

# କଟକ ଜିଲ୍ଲା ପ୍ରଶାସନ ବୈଠକ

କଟକ ଜିଲ୍ଲା ଗ୍ରାମାଞ୍ଚଳ ଗୁଡ଼ିକରେ ଚଳିତବର୍ଷର ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ନେତାଜୀ ସଂସ୍କୃତି ଭବନଠାରେ ଆୟୋଜିତ ବୈଠକରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ଗ୍ରାମାଞ୍ଚଳ ପୂଜାକମିଟିର ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନର ବିକାଶରେ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପ** ବାର୍ତ୍ତା ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ

କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି।  ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ  ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଏହି ଅବସରରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଖଣ୍ଡଗିରି ଓ ଉଦୟଗିରି ଆଲୋକ ଓ ଶବ୍ଦ ପ୍ରଦର୍ଶନୀର ମଧ୍ୟ ଲୋକାର୍ପଣ ହେବ ।

# ଲୋକନୃତ୍ୟ ପ୍ରତିଯୋଗିତା

କଳାହାଣ୍ଡି ଜିଲ୍ଲା ବିଦ୍ୟାଳୟସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣାସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଦେଢ଼ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

# ଦୌଡ଼କୁଦ ପ୍ରତିଯୋଗିତା

୩୭ତମ ପୂର୍ବାଞ୍ଚଳ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ୨୦୨୬ କଳାହାଣ୍ଡି ଜିଲ୍ଲାର କ୍ରୀଡ଼ାବିତ୍ ରେସ୍‌ମା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୧୬ବର୍ଷରୁ

କମ୍ ବାଳିକା ବର୍ଗ ହାଇଜମ୍ପ ପ୍ରତିଯୋଗିତାରେ ସେ ଏହି ସଫଳତା ପାଇଛନ୍ତି । ଜିଲ୍ଲା କ୍ରୀଡ଼ାସଂଘ ପକ୍ଷରୁ ଏଥିପାଇଁ ରେସ୍‌ମାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଗତ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ବିହାରର ପାଟନାଠାରେ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।